# ସମସ୍ତ ଶିକ୍ଷାନୁଷ୍ଠାନ ଏବଂ କୋଚିଂ ସେଣ୍ଟରଗୁଡ଼ିକରେ ଅଗ୍ନି ନିରାପତ୍ତା ଅଡିଟ୍ ପାଇଁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ

## କଡ଼ା ଅନୁପାଳନ ଏବଂ ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ଜୁନ୍ ୨୪, ୨୦୨୬: ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓ.ଏସ୍.ଡି.ଏମ୍.ଏ) ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ଏବଂ ଦକ୍ଷତା ବିକାଶ କେନ୍ଦ୍ରଗୁଡ଼ିକରେ ଅଗ୍ନି ନିରାପତ୍ତା ପ୍ରସ୍ତୁତିର କଡ଼ା ସମୀକ୍ଷା ଏବଂ ଅଡିଟ୍ କରିବାକୁ ବାଧ୍ୟତାମୂଳକ କରିଛନ୍ତି। ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ଘଟିଥିବା ଦୁଃଖଦ ଅଗ୍ନିକାଣ୍ଡକୁ ଦୃଷ୍ଟିରେ ରଖି ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ନୂତନ ଶିକ୍ଷାବର୍ଷ ଆରମ୍ଭ ସମୟରେ ସୁରକ୍ଷା ନିୟମର କୌଣସି ପ୍ରକାର ସାଲିସ୍ କୁ କରାଯିବ ନାହିଁ।

ଏହି ପରିପ୍ରେକ୍ଷୀରେ ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଡି. ଡି. ଏମ୍.ଏ) ର ଅଧ୍ୟକ୍ଷମାନଙ୍କୁ ଏକ ସରକାରୀ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମାରେ ସ୍ପେସଆଲ ରିଲିଫ କମିଶନର (ଏସ୍ ଆର୍ ସି) ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓ.ଏସ୍.ଡି.ଏମ୍.ଏ) ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଜେଶ ପ୍ରଭାକର ପାଟିଲ୍ ଗୁରୁତ୍ୱାରୋପ କରିଛନ୍ତି ଯେ ଛାତ୍ରଛାତ୍ରୀ, ପ୍ରଶିକ୍ଷାର୍ଥୀ, ଶିକ୍ଷକ ଏବଂ ସହଯୋଗୀ କର୍ମଚାରୀମାନଙ୍କ ସୁରକ୍ଷା ସର୍ବୋପରି ଅଟେ।

ନୂତନ ଶିକ୍ଷାବର୍ଷ ଆରମ୍ଭ ହେବାକୁ ଥିବାରୁ, ଓଡ଼ିଶା ଅଗ୍ନି ପ୍ରତିରୋଧ ଏବଂ ଅଗ୍ନି ନିରାପତ୍ତା ନିୟମାବଳୀ, ୨୦୧୭, ଓଡ଼ିଶା ଅଗ୍ନି ପ୍ରତିରୋଧ ଏବଂ ଅଗ୍ନି ନିରାପତ୍ତା (ସଂଶୋଧନ) ନିୟମାବଳୀ, ୨୦୨୫ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ସୁରକ୍ଷା ନିୟମର କଡ଼ା ଅନୁପାଳନ ସୁନିଶ୍ଚିତ କରିବା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ତୁରନ୍ତ କ୍ଷେତ୍ର ପରିଦର୍ଶନ ଓ ଯାଞ୍ଚ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଓ.ଏସ୍.ଡି.ଏମ୍.ଏ ଦ୍ୱାରା ଜାରି କରାଯାଇଥିବା ଅଗ୍ରାଧିକାର ଭିତ୍ତିକ କାର୍ଯ୍ୟାନୁଷ୍ଠାନଗୁଡିକ ହେଲା :

୧.ବ୍ୟାପକ ଅଗ୍ନି ନିରାପତ୍ତା ଅଡିଟ୍

ନିର୍ଦ୍ଦେଶନାମା ଅନୁଯାୟୀ, ଭିତ୍ତିଭୂମିଗତ ତ୍ରୁଟିଗୁଡ଼ିକୁ ଦୂର କରିବା ପାଇଁ ଜିଲ୍ଲା ପ୍ରଶାସନ ସମସ୍ତ କ୍ୟାମ୍ପସରେ ବ୍ୟାପକ ଯାଞ୍ଚ ଅଭିଯାନ ଆରମ୍ଭ କରିବେ। ଅଧିକ ବିପଦପୂର୍ଣ୍ଣ ବହୁତଳ ବିଶିଷ୍ଟ କୋଠା ଏବଂ ଜନଗହଳିପୂର୍ଣ୍ଣ ସହରାଞ୍ଚଳ ଉପରେ ବିଶେଷ ଧ୍ୟାନ ଦିଆଯିବ। ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡର ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଯୁଗ୍ମ ଯାଞ୍ଚ ଦଳ ବର୍ତ୍ତମାନର ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଏବଂ ଅନାପତ୍ତି ପ୍ରମାଣପତ୍ର (NOC) ର ବୈଧତାକୁ ସୂକ୍ଷ୍ମ ଭାବେ ଯାଞ୍ଚ କରିବେ। କ୍ଷେତ୍ର ସ୍ତରରେ, ଅଗ୍ନି ନିର୍ବାପକ ଯନ୍ତ୍ର ଭଳି ଗୁରୁତ୍ୱପୂର୍ଣ୍ଣ ସରଞ୍ଜାମଗୁଡ଼ିକର କାର୍ଯ୍ୟକାରିତା ନିଶ୍ଚିତ କରିବାକୁ ଦଳଗୁଡ଼ିକୁ ଦାୟିତ୍ୱ ଦିଆଯାଇଛି। ଶର୍ଟ ସର୍କିଟ୍ ବିପଦକୁ ଏଡ଼ାଇବା ପାଇଁ ବୈଦ୍ୟୁତିକ ସରଞ୍ଜାମଗୁଡ଼ିକର ବାଧ୍ୟତାମୂଳକ ନିୟମିତ ରକ୍ଷଣାବେକ୍ଷଣ ସହିତ ଶ୍ରେଣୀଗୃହ, କରିଡର କିମ୍ବା ଜରୁରୀକାଳୀନ ନିର୍ଗମନ ପଥ (escape path)ରେ ଜଳନଶୀଳ ପଦାର୍ଥ ସଂରକ୍ଷଣ ଉପରେ ମଧ ନିଷେଧାଦେଶ ଜାରି କରାଯାଇଛି। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ପର୍ଯ୍ୟାପ୍ତ ସୁରକ୍ଷିତ ଜରୁରୀକାଳୀନ ନିର୍ଗମନ ପଥ (escape path) ରହିବା ସହ ସ୍ପଷ୍ଟ ପ୍ରସ୍ଥାନ ଦ୍ୱାର ସାଇନେଜ୍ ପ୍ରଦର୍ଶନ କରାଯିବା ଏବଂ ଛାତ୍ରଛାତ୍ରୀମାନଙ୍କ ପାଇଁ ନିୟମିତ ଭାବେ ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାରର ବ୍ୟାବହାରିକ ପ୍ରଶିକ୍ଷଣ ଓ ମକ୍ ଡ୍ରିଲ୍ ଆୟୋଜନ କରିବାକୁ ବାଧ୍ୟତାମୂଳକ କରାଯାଇଛି।

୨. ସୁରକ୍ଷିତ ନିର୍ଗମନ ବ୍ୟବସ୍ଥା

ଜରୁରୀକାଳୀନ ପରିସ୍ଥିତିରେ ଜରୁରୀକାଳୀନ ନିର୍ଗମନ ପଥ ହିଁ ସୁରକ୍ଷାର ପ୍ରଥମ ମାଧ୍ୟମ ବୋଲି ଏହି ନିର୍ଦ୍ଦେଶନାମାରେ ଗୁରୁତ୍ୱ ଦିଆଯାଇଛି। ସମସ୍ତ ମୁଖ୍ୟ ପ୍ରବେଶ ଓ ପ୍ରସ୍ଥାନ ପଥ, ସିଡ଼ି, କରିଡର ଏବଂ ଜରୁରୀକାଳୀନ ନିର୍ଗମନ ପଥ ଯେପରି ସବୁ ସମୟରେ ସମ୍ପୂର୍ଣ୍ଣ ଭାବେ ବାଧାମୁକ୍ତ ଓ ମୁକ୍ତ ରହିବ, ତାହା ସ୍ଥାନୀୟ କର୍ତ୍ତୃପକ୍ଷ ନିଶ୍ଚିତ କରିବେ। ଶିକ୍ଷାନୁଷ୍ଠାନଗୁଡ଼ିକରେ ଜରୁରୀକାଳୀନ ନିର୍ଗମନ ପଥ, ନିର୍ଦ୍ଧାରିତ ମୁକ୍ତ ଏକତ୍ରିକରଣ ସ୍ଥାନ (Assembly Points) ଏବଂ ଜରୁରୀକାଳୀନ ଯୋଗାଯୋଗ ନମ୍ବର ଦର୍ଶାଉଥିବା ପର୍ଯ୍ୟାପ୍ତ ସାଇନେଜ୍ ସ୍ପଷ୍ଟ ଭାବରେ ଲଗାଇବା ଆବଶ୍ୟକ। ଏହା ସହିତ, ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍କ୍ରମଣ ପଥରେ ଥିବା ସମସ୍ତ କବାଟ ବାହାର ପଟକୁ ଖୋଲିବା ଉଚିତ ଏବଂ ବିପଦ ସମୟରେ ଯେପରି ସେଗୁଡ଼ିକ ସହଜରେ ବ୍ୟବହାର କରାଯାଇପାରିବ, ସେହିଭଳି ପ୍ରସ୍ତୁତ ରହିବା ଆବଶ୍ୟକ।

୩. ଦକ୍ଷତା ବୃଦ୍ଧି ଏବଂ ମକ୍ ଡ୍ରିଲ୍ ଆୟୋଜନ

ଶିକ୍ଷା ଏବଂ ପ୍ରଶିକ୍ଷଣ ଅନୁଷ୍ଠାନଗୁଡ଼ିକ କେବଳ କାଗଜପତ୍ରରେ ନିୟମ ପାଳନ ନକରି, ବାସ୍ତବିକ ଭାବେ ପ୍ରସ୍ତୁତ ରହିବା ପାଇଁ ଛାତ୍ରଛାତ୍ରୀ, ପ୍ରଶିକ୍ଷାର୍ଥୀ, ଶିକ୍ଷକ, ପ୍ରଶିକ୍ଷକ ଏବଂ ସହଯୋଗୀ କର୍ମଚାରୀମାନଙ୍କ ପାଇଁ ପ୍ରତି ତ୍ରୈମାସିକରେ ନିୟମିତ ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବେ। ଅଗ୍ନିଶମ ସେବା କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ପ୍ରଶାସନର ପ୍ରତ୍ୟକ୍ଷ ସମନ୍ୱୟରେ ସଂଗଠିତ ନିୟମିତ ମକ୍ ଡ୍ରିଲ୍ ଦ୍ୱାରା ଏହି ପ୍ରୟାସକୁ ଆହୁରି ମଜବୁତ କରାଯିବ। କ୍ୟାମ୍ପସରେ ଦାୟିତ୍ୱବୋଧ ବଜାୟ ରଖିବା ପାଇଁ ପ୍ରତ୍ୟେକ ଅନୁଷ୍ଠାନ ନିଜସ୍ୱ ସ୍ୱତନ୍ତ୍ର 'ଫାୟାର ସେଫ୍ଟି ୱାର୍ଡେନ' (Fire Safety Wardens) ଏବଂ ନୋଡାଲ ଅଫିସରମାନଙ୍କୁ ଆନୁଷ୍ଠାନିକ ଭାବେ ମନୋନୀତ କରି ପ୍ରଶିକ୍ଷଣ ପ୍ରଦାନ କରିବେ।

୪. ଆନୁଷ୍ଠାନିକ ପ୍ରସ୍ତୁତି

ପ୍ରକୃତ ସୁରକ୍ଷା ବିପର୍ଯ୍ୟୟ ପୂର୍ବରୁ ବ୍ୟବସ୍ଥିତ ଯୋଜନା ଉପରେ ନିର୍ଭର କରେ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନକୁ ନିଜର ସ୍ୱତନ୍ତ୍ର ନକ୍ସା ବା ଲେ-ଆଉଟ୍ ଅନୁଯାୟୀ ଏକ ଅନୁଷ୍ଠାନ-ନିର୍ଦ୍ଦିଷ୍ଟ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ନିର୍ଗମନ ଯୋଜନା (Emergency Response and Evacuation Plan) ପ୍ରସ୍ତୁତ କରି ସ୍ପଷ୍ଟ ଭାବରେ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କ୍ୟାମ୍ପସ ପ୍ରଶାସକମାନେ ସ୍ଥାନୀୟ ଅଗ୍ନିଶମ ସେବା, ପୋଲିସ, ନିକଟସ୍ଥ ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର (DEOC) ର ସଦାସର୍ବଦା ଅପଡେଟ୍ ହୋଇଥିବା ଯୋଗାଯୋଗ ନମ୍ବର ବ୍ୟବସ୍ଥା ରଖିବେ। ତୁରନ୍ତ ଜରୁରୀକାଳୀନ ସୂଚନା ପ୍ରଦାନ ଏବଂ ଦ୍ରୁତ ପଦକ୍ଷେପ ଗ୍ରହଣ ପାଇଁ ସମସ୍ତ ବିଭାଗରେ ସ୍ପଷ୍ଟ ଆଭ୍ୟନ୍ତରୀଣ ପ୍ରକ୍ରିୟା ପ୍ରସ୍ତୁତ କରାଯିବା ଉଚିତ।

୫.ବିଶେଷ ଧ୍ୟାନ ଦେବାକୁ ଥିବା କ୍ଷେତ୍ର

ଭଡ଼ା ଘରେ ଚାଲୁଥିବା ଅନୁଷ୍ଠାନ, ଜନଗହଳିପୂର୍ଣ୍ଣ ବ୍ୟବସାୟିକ ପ୍ରତିଷ୍ଠାନ, ବେସମେଣ୍ଟ ଏବଂ ଅଧିକ ଛାତ୍ରଛାତ୍ରୀ ଥିବା ଯେକୌଣସି ବିଲ୍ଡିଂକୁ ଜିଲ୍ଲା ଦଳଗୁଡ଼ିକ ସର୍ବୋଚ୍ଚ ଅଗ୍ରାଧିକାର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରାବାସ ଏବଂ ଆବାସିକ ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକ ଯେପରି ନିର୍ଦ୍ଧାରିତ ଅଗ୍ନି ନିରାପତ୍ତା ନିୟମକୁ କଡ଼ାକଡ଼ି ଭାବେ ପାଳନ କରୁଛନ୍ତି, ତାହା ନିଶ୍ଚିତ କରିବା ପାଇଁ ସମାନ ସ୍ତରର ଯାଞ୍ଚ କରାଯିବ।

୬. ପ୍ରବର୍ତ୍ତନ ଏବଂ ଅନୁଧ୍ୟାନ

ରାଜସ୍ୱ, ଅଗ୍ନିଶମ ସେବା, ଗଣଶିକ୍ଷା, ଉଚ୍ଚଶିକ୍ଷା ଏବଂ ଦକ୍ଷତା ବିକାଶ ବିଭାଗର ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ନେଇ ଗଠିତ ଯୁଗ୍ମ ଯାଞ୍ଚ ଦଳ ଦ୍ୱାରା ଜିଲ୍ଲା ସ୍ତରୀୟ ଅନୁଧ୍ୟାନ କରାଯିବ । ପର୍ଯ୍ୟାପ୍ତ ଏବଂ କାର୍ଯ୍ୟକ୍ଷମ ଅଗ୍ନି ନିରାପତ୍ତା ବ୍ୟବସ୍ଥା ବିନା ଚାଲୁଥିବା ଯେକୌଣସି ଅନୁଷ୍ଠାନ ବିରୋଧରେ ତୁରନ୍ତ ନିୟାମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯିବ।

ଓ.ଏସ୍.ଡି.ଏମ୍.ଏ ସମସ୍ତ ଜିଲ୍ଲା ପ୍ରଶାସନକୁ ଉପରୋକ୍ତ ପଦକ୍ଷେପଗୁଡ଼ିକର କାର୍ଯ୍ୟକାରିତାକୁ ନିବିଡ଼ ଭାବେ ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଛି । ସମସ୍ତ ଜିଲ୍ଲାପାଳ ଏହି ନିର୍ଦ୍ଦେଶନାମା ଜାରି ହେବାର ୧୫ ଦିନ ମଧ୍ୟରେ କେତେକ ଶିକ୍ଷାନୁଷ୍ଠାନ ଯାଞ୍ଚ କରାଯାଇଛି, କଣ ସବୁ ତ୍ରୁଟି ଚିହ୍ନଟ ହୋଇଛି ଏବଂ କି ପ୍ରକାର ସଂଶୋଧନମୂଳକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି, ସେ ସମ୍ପର୍କରେ ଏକ ସଂଗଠିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ରିପୋର୍ଟ ଓ.ଏସ୍.ଡି.ଏମ୍.ଏ ନିକଟରେ ଦାଖଲ କରିବେ। ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ନିର୍ଦ୍ଦେଶକୁ ସର୍ବୋଚ୍ଚ ଅଗ୍ରାଧିକାର ପ୍ରଦାନ କରାଯାଇଛି।


ଅନିଶା କର
ଲୋକସମ୍ପର୍କ ଅଧିକାରୀ